# NATIONAL NEWS BULLETIN (ODIA)

## 9 January - 2025

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆସନ୍ତାକାଲି ଯୋଗଦେବେ ରାଷ୍ଟ୍ରପତି

– ଭୁବନେଶ୍ୱର ବିମାନ ବନ୍ଦରଠାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

- ଜେନୋମ ଇଣ୍ଡିଆ ପ୍ରକଳ୍ପ ଦେଶର ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି; କହିଲେ ପ୍ରଧାନମନ୍ତ୍ରୀ
- ସାଧାରଣତନ୍ତ୍ର ପରେଡ୍ ଦିବସ ଦେଖିବା ପାଇଁ ୧୦ ହଜାର ସ୍ୱତନ୍ତ୍ର ଅତିଥି ନିମନ୍ତ୍ରିତ
- ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ସୁରକ୍ଷାବଳଙ୍କ ଗୁଳି ବିନିମୟରେ ତିନି ମାଓବାଦୀ ନିହତ

ଏବଂ

- ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି କଳିଙ୍ଗ ଲାନସର୍ସ ଏବଂ ଗୋନାସିକ ହକି ଦଳ ମଧ୍ୟରେ ହେବ ମୁକାବିଲା

## ଓଡ଼ିଶା- ପ୍ରବାସୀ ଭାରତୀୟ ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ  ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ବିମାନ ବନ୍ଦରରୁ ରାଜଭବନ ଅଭିମୁଖେ ଯାତ୍ରା କରୁଥିବା ସମୟରେ ରାଷ୍ଟ୍ରପତିଙ୍କୁ ବହୁ ସଂଖ୍ୟାରେ ଲୋକ ନୃତ୍ୟଶିଳ୍ପୀ ଓ ସାଂସ୍କୃତିକ ଦଳ ସ୍ୱାଗତ କରିଥିଲେ। ରାଜଭବନରେ ଆଜି ରାଷ୍ଟ୍ରପତି ମୁର୍ମୁ ରାତ୍ରୀଯାପନ କରିବେ। ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆସନ୍ତାକାଲି ରାଷ୍ଟ୍ରପତି ଯୋଗଦେବେ।  ଗତକାଲିଠାରୁ ଭୁବନେଶ୍ୱରର ଜନତା ମଇଦାନରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରାୟ ୭୫ଟି ଦେଶର ପ୍ରାୟ ୬ ହଜାର ପ୍ରବାସୀ ଭାରତୀୟ ଅଂଶଗ୍ରହଣ କରୁଛନ୍ତି।  ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ସେ ୧୭ ଜଣ ପ୍ରବାସୀ ଭାରତୀୟଙ୍କୁ ରାଷ୍ଟ୍ରପତି ସମ୍ବର୍ଦ୍ଧିତ କରିବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭୁବନେଶ୍ୱରଠାରେ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି,

ପ୍ରବାସୀ ଭାରତୀୟ ସବୁବେଳେ ଦେଶର ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି।

## ପିଏମ୍-ଜେନମ୍ ଇଣ୍ଡିଆ ପ୍ରୋଜେକ୍ଟ

ବିଭିନ୍ନ ଆହ୍ୱାନର ମୁକାବିଲା କ୍ଷେତ୍ରରେ ସମଗ୍ର ବିଶ୍ୱ ଭାରତ ଉପରେ ଅଧିକ ଆସ୍ଥା ପ୍ରକଟ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦିଲ୍ଲୀରେ ଆୟୋଜିତ ଜେନୋମିକ୍ସ ଡାଟା କନକ୍ଲେଭରେ ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଜେନୋମ ଇଣ୍ଡିଆ ପ୍ରୋଜେକ୍ଟ ଦେଶର ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଜୈବିକ ଅର୍ଥନୀତି ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରୁଛି। ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଜୈବ ଅର୍ଥନୀତି ଯଥେଷ୍ଟ ବୃଦ୍ଧି ପାଇଛି। ୨୦୧୪ ମସିହାରେ ଦେଶର ଜୈବ ଅର୍ଥନୀତିର ମୂଲ୍ୟ ୧୦ ବିଲିୟନ ଡଲାର ଥିବା ବେଳେ ଏବେ ଏହା ୧୫୦ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଗବେଷଣା ଏବଂ ଉଦ୍ଭାବନ କ୍ଷେତ୍ରକୁ ସରକାର ଅଗ୍ରାଧିକାର ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ବିକଶିତ କରାଯିବା ସହ ନାଗରିକଙ୍କୁ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ କରାଯାଇପାରିଛି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

## ଭିପି ବେଙ୍ଗାଲୁରୁ ଭିଜିଟ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତା ଶନିବାର ବେଙ୍ଗାଲୁରୁ ଗସ୍ତରେ ଯିବେ। ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ରାଜ୍ୟ ଲୋକସେବା ଆୟୋଗ ଗୁଡ଼ିକର ଅଧ୍ୟକ୍ଷକଙ୍କ ୨୫ତମ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

## ରିପବ୍ଲିକ ଡେ- ଗେଷ୍ଟ

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍ ଦେଖିବା ପାଇଁ ପ୍ରାୟ ୧୦ ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ଆମନ୍ତ୍ରଣ କରାଯାଇଛି। ସେମାନଙ୍କ ମଧ୍ୟରେ ସରପଞ୍ଚ, ପ୍ରାକୃତିକ ବିପର୍ଯ୍ୟୟ ରିଲିଫ କର୍ମୀ, ଜଳସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ, ହସ୍ତତନ୍ତ ଓ ହସ୍ତଶିଳ୍ପ କାରୀଗର, ମନ୍ କି ବାତ୍‌ରେ ପ୍ରଶଂସିତ ହୋଇଥିବା ବ୍ୟକ୍ତି, ମୋ ଭାରତ ସ୍ୱେଚ୍ଛାସେବୀ, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ମନୋନୀତ ଅଧିବାସୀ ଏବଂ ଶ୍ରେଷ୍ଠ ଷ୍ଟାର୍ଟ-ଅପ୍ ଗୁଡ଼ିକ ଅନ୍ତର୍ଭୁକ୍ତ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରୁ ଅଧିକାଂଶ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ରୋଜଗାର ସୃଷ୍ଟି ସୁନିଶ୍ଚିତ କରିବା ସହ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ପାରା-ଅଲିମ୍ପିକ୍ସର ଦଳର ସଦସ୍ୟ, ଚେସ୍ ଅଲିମ୍ପିଆଡ୍ ପଦକ ବିଜେତା, ବ୍ରିଜ୍ ବିଶ୍ୱ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଏବଂ ସ୍ନୁକର ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ

ବିଜେତାମାନଙ୍କୁ ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ମନ୍ତ୍ରଣାଳୟ କହିଛି, ଅତିଥିମାନେ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ, ପିଏମ୍ ସଂଗ୍ରହାଳୟ ଏବଂ ଦିଲ୍ଲୀର ଅନ୍ୟାନ୍ୟ ପ୍ରମୁଖ ସ୍ଥାନଗୁଡ଼ିକ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।

# ଏମ୍‌ପି- ନୀତିନ ଗଡ଼କରୀ

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଦେଶକୁ ଶକ୍ତି ଆମଦାନୀକାରୀରୁ ରପ୍ତାନୀକାରୀ ଦେଶରେ ପରିଣତ କରିବାକୁ ପ୍ରୟାସ ଜାରି ରହିଛି। ମଧ୍ୟପ୍ରଦେଶର ପିଥମପୁରସ୍ଥିତ ଜାତୀୟ ଅଟୋମୋଟିଭ୍ ଟେଷ୍ଟ ଟ୍ରାକ୍ - ନାଟ୍ରାକ୍ସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାରତ କ୍ରମାଗତ ଭାବେ ବିକଳ୍ପ ଶକ୍ତି ଉତ୍ସକୁ ପ୍ରୋତ୍ସାହନ ପ୍ରଦାନ କରୁଛି।

ହାଇଡ୍ରୋଜେନକୁ ଭବିଷ୍ୟତର ବିକଳ୍ପ ଇନ୍ଧନ ଭାବରେ ଘୋଷଣା କରି ଶ୍ରୀ ଗଡ଼କରୀ କହିଛନ୍ତି, ସରକାର ଏବଂ ଅନେକ ଅଟୋମୋବାଇଲ୍ କମ୍ପାନୀ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ଦେଶର ଆର୍ଥିକ ଅଭିବୃଦ୍ଧିରେ ଅଟୋମୋବାଇଲ ଶିଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଗଡ଼କରୀ କହିଛନ୍ତି, ଏହି କ୍ଷେତ୍ର ବର୍ତ୍ତମାନ ସୁଦ୍ଧା ୪ କୋଟି ୫୦ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

## ଛତିଶଗଡ଼- ମାଓଇଷ୍ଟ

ଛତିଶଗଡ଼ର ସୁକମା ଜିଲ୍ଲାରେ ଆଜି ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୩ ଜଣ ମାଓବାଦୀ ନିହତ ହୋଇଛନ୍ତି । ଆମର ସମ୍ବାଦଦାତାଙ୍କ ରିପୋର୍ଟ ଅନୁସାରେ, ସୁକ୍‌ମା ଓ ବିଜାପୁର ଜିଲ୍ଲାର ସୀମାନ୍ତରେ ଥିବା ଜଙ୍ଗଲରେ ସୁରକ୍ଷାକର୍ମୀଙ୍କର ଦୁଇଟି ଦଳ ନକ୍ସଲ ବିରୋଧୀ ଅଭିଯାନ ଚଳାଇଥିବା ବେଳେ ଏହି ଗୁଳି ବିନିମୟ ଘଟିଥିଲା । ଖାନତଲାସୀ ସମୟରେ ଜିଲ୍ଲା ସୁରକ୍ଷାବଳ, ସ୍ୱତନ୍ତ୍ର ଟାସ୍କ ଫୋର୍ସ ଓ କୋବ୍ରାବାହିନୀ ସାମିଲ ହୋଇଥିଲେ ।

## ତିରୁପତି-ଦଳାଚକଟା

ଆନ୍ଧ୍ରପ୍ରଦେଶ ସରକାର ତିରୁପତି ମନ୍ଦିରରେ ଗତକାଲି ଘଟିଥିବା ଦଳାଚକଟା ଘଟଣାରେ ମୃତକଙ୍କ ପରିବାରବର୍ଗଙ୍କ ଲାଗି ୨୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଏହି ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳର ବିଭିନ୍ନ ସଦସ୍ୟ ଆଶ୍ୱାସନା ଦେବା ସହ ସେମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ମୃତ ଶରୀରକୁ ସେମାନଙ୍କ ପରିବାରବର୍ଗଙ୍କ ପାଖରେ ପହଁଞ୍ଚାଇବା ପାଇଁ ସ୍ୱତନ୍ତ୍ର ଗାଡ଼ିର ବ୍ୟବସ୍ଥା କରାଯାଇଛି । ଇତ୍ୟବସରରେ ତିରୁପତି ଦେବସ୍ଥାନ ପକ୍ଷରୁ କୁହାଯାଇଛି, ପ୍ରଥମ ତିନି ଦିନ ଆସନ୍ତାକାଲି ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ବୈକୁଣ୍ଠ ଦ୍ୱାର ଦର୍ଶନ

ନିମନ୍ତେ ଟୋକନ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ଏହି ଦିନଗୁଡ଼ିକରେ ଦର୍ଶନ କରିପାରିବେ। ଚଳିତ ମାସ ୧୩ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବୈକୁଣ୍ଠ ଦ୍ୱାର ଦର୍ଶନ ଟିକେଟ୍ ଶ୍ରଦ୍ଧାଳୁମାନେ ତିରୁପତିର ଶ୍ରୀନିବାସନ୍, ବିଷ୍ଣୁନିବାସ ଏବଂ ଭୂଦେବୀ କମ୍ପ୍ଲେକ୍ସରୁ ପାଇପାରିବେ।

## ପରୀକ୍ଷା ପେ ଚର୍ଚ୍ଚା

ପରୀକ୍ଷା ପେ ଚର୍ଚ୍ଚା ଆଲୋଚନା-୨୦୨୫ରେ ଅଂଶଗ୍ରହଣ ପାଇଁ ଏ ପର୍ଯ୍ୟନ୍ତ ୨ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ପଞ୍ଜୀକରଣ କରିଛନ୍ତି।  କାର୍ଯ୍ୟକ୍ରମର ଏହି ଅଷ୍ଟମ ସଂସ୍କରଣରେ ପଞ୍ଜୀକରଣ ମାଇ ଗଭ୍ ଡଟ୍ ଇନ୍ ପୋର୍ଟାଲରେ ଚାଲିଛି। ଗତମାସ ୧୪ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଶିକ୍ଷା ମନ୍ତ୍ରଣାଳୟ କହିଛି, ପରୀକ୍ଷା ସମ୍ବନ୍ଧୀୟ ଚାପକୁ ହ୍ରାସ କରିବା ସହିତ ଏହାକୁ ଏକ ପର୍ବରେ ପରିଣତ କରିବା ଲାଗି ସମଗ୍ର ଦେଶର ଛାତ୍ରଛାତ୍ରୀ, ଅଭିଭାବ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହା ଏକ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ସୁସ୍ଥତା, ପରୀକ୍ଷା ପ୍ରତି ସକାରାତ୍ମକ ଦୃଷ୍ଟିକୋଣକୁ ବୃଦ୍ଧି କରିଥାଏ।

# ଗୋଏଲ- ଅର୍ଗାନିକ ଫାର୍ମିଂ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଆୟବୃଦ୍ଧି ଏବଂ ରୋଜଗାର ଯୋଗାଇଦେବାରେ ଜୈବିକ କୃଷି ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି । ନୂଆଦିଲ୍ଲୀରେ ଆଜି ଜାତୀୟ ଜୈବିକ ଉତ୍ପାଦନ କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣକୁ ଶୁଭାରମ୍ଭ କରିବା ଅବସରରେ ଶ୍ରୀ ଗୋୟଲ କହିଛନ୍ତି, ଜୈବିକ କୃଷି ଯୋଗୁଁ କୃଷକମାନଙ୍କର ରୋଜଗାର ବୃଦ୍ଧି ହୋଇଛି। ଶ୍ରୀ ଗୋଏଲ ଆହୁରି କହିଛନ୍ତି, ନିକଟରେ ଜୈବିକ ଉତ୍ପାଦର ରପ୍ତାନୀ ୬ ହଜାର କୋଟି ଟଙ୍କା ରହିଥିବାବେଳେ ଆଗାମୀ ତିନି ବର୍ଷ ମଧ୍ୟରେ ଏହା ବୃଦ୍ଧି ପାଇ ୨୦ ହଜାର କୋଟି ଟଙ୍କାରେ ପହଁଞ୍ଚିବ ବୋଲି ଆଶା କରାଯାଉଛି।

# ଦିଲ୍ଲୀ ଇଲେକସନ୍

ବିଜେପି ଅଧ୍ୟକ୍ଷ ଜେ.ପି ନଡ୍ଡା ଆଜି ଦିଲ୍ଲୀ ଦଳୀୟ ନିର୍ବାଚନ ପରିଚାଳନା କମିଟି ସହ ବୈଠକ କରିଛନ୍ତି। ବିଧାନସଭା ନିର୍ବାଚନ ପାଇଁ ଦଳର ରଣନୀତିକୁ ସୁଦୃଢ଼ କରିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବ, ଦଳର ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଶ୍ରୀ ସଚଦେବ ଗଣମାଧ୍ୟମକୁ କହିଛନ୍ତି, ଶ୍ରୀ ନଡ୍ଡା

ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବା ସହିତ ଦଳର କର୍ମୀମାନଙ୍କୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଆପ୍ ଦିଲ୍ଲୀରେ ବେଆଇନ ଭୋଟରଙ୍କ ପଞ୍ଜୀକରଣ କରିବାକୁ ଚେଷ୍ଟା କରୁଥିବା ନେଇ ଶ୍ରୀ ସଚଦେବ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଆପ୍‌ର ବରିଷ୍ଠ ନେତା ଅରବିନ୍ଦ କେଜରିୱାଲ ଆଜି ନୂଆଦିଲ୍ଲୀରେ ନିର୍ବାଚନ କମିଶନଙ୍କୁ ଭେଟି ଅନ୍ୟ ରାଜ୍ୟରୁ ଲୋକଙ୍କୁ ଆଣି ନକଲି ଭୋଟର ସୃଷ୍ଟି କରାଯାଉଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି।

## ମହାକୁମ୍ଭ ମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ଉପଲକ୍ଷେ ଆସନ୍ତାକାଲି ଆକାଶବାଣୀ ପକ୍ଷରୁ କୁମ୍ଭବାଣୀ ଚ୍ୟାନେଲକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁଭାରମ୍ଭ କରିବେ। ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ୍ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କୁମ୍ଭ ମଙ୍ଗଳ ଧୁନ୍‌କୁ ମଧ୍ୟ ଉନ୍ମୋଚନ କରିବେ। ଆସନ୍ତାକାଲିଠାରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ସକାଳ ୫ଟା ୫୫ ମିନିଟ୍‌ରୁ ରାତି ୧୦ଟା ୫  ମିନିଟ୍ ପର୍ଯ୍ୟନ୍ତ ମହାକୁମ୍ଭ ମେଳା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ଆଧାର କରି  ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ କାର୍ଯ୍ୟକ୍ରମଗୁଡ଼ିକ ପ୍ରସାରଣ ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆଜି କଳିଙ୍ଗ ଲାନ୍‌ସର୍ସ ଏବଂ ଗୋନାସିକା ହକି ଦଳ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ହାଇଦ୍ରାବାଦ ତୋଫାନ୍ସ ବିଜୟୀ ହୋଇଥିଲେ । ପ୍ରଥମ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ' ଗୋନାସିକାକୁ ୬-୫ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ହାଇଦ୍ରାବାଦ ତୋଫାନ୍ସ' ୟୁପି ରୁଦ୍ରାସ୍ ବିପକ୍ଷରେ ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା ।

## ଆଇଏସଏଲ୍-ଫୁଟବଲ

ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଚେନ୍ନାଇଆନ ଏଫ୍‌ସି ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ ମୁକାବିଲା ହେବ। ଚେନ୍ନାଇଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ। ଉଭୟ ଦଳ ଏହି ମ୍ୟାଚ୍‌କୁ ଜିତିବା ପାଇଁ ପ୍ରଚେଷ୍ଟା କରିବେ। ଗତ ସଂସ୍କରଣରେ ଚେନ୍ନାଇ ଓଡ଼ିଶା ବିରୁଦ୍ଧରେ ୩-୨ ଗୋଲ୍‌ରେ ବିଜୟ ହାସଲ କରିଥିଲା।

## ମହିଳା ଓଡିଆଇ କ୍ରିକେଟ

ଭାରତ ଏବଂ ଆୟରଲାଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ତିନିଟିକିଆ ଏକ ଦିବସୀୟ ଆନ୍ତର୍ଜାତୀୟ କ୍ରିକେଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ

ହେଉଛି। ପ୍ରଥମ ମ୍ୟାଚ୍ ରାଜକୋଟଠାରେ ପୂର୍ବାହ୍ନ ୧୧ଟା ଖେଳାଯିବ। ସ୍ମୃତି ମାନ୍ଧାନା ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି।